## ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ରାଜ୍ୟରେ ହେବ ୧୦୦ ଶିକ୍ଷା କେନ୍ଦ୍ର

ଭୁବନେଶ୍ୱର,୧୦।୬/ଏନ୍ଏନ୍ଏସ୍: ଯେପରି ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ଦେଶର ହିତ ନିମନ୍ତେ କାର୍ଯ୍ୟ କରୁଛି ସେପରି ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ରାଜ୍ୟବାସୀଙ୍କ ସ୍ୱାର୍ଥରେ କାର୍ଯ୍ୟକାରୀ କରାଯାଇଛି । ୨୦୧୫ ଅକ୍ଟୋବର ୨ରୁ ନାମଲେଖା ଆରମ୍ଭ ହୋଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୧୪ଟି ବିଭିନ୍ନ ପାଠ୍ୟକ୍ରମରେ ମୋଟ୍ ୨୨୫ ଛାତ୍ରଛାତ୍ରୀ ନାମଲେଖାଇଛନ୍ତି । ଆଗାମୀ ୧ ମାସ ମଧ୍ୟରେ ୫୨ଟି ଏବଂ ବର୍ଷ ଶେଷ ସୁଦ୍ଧା ଅନ୍ୟ ଶହେ ଶିକ୍ଷା କେନ୍ଦ୍ର(ଷ୍ଟଡି ସେଣ୍ଟର) ଆରମ୍ଭ କରାଯିବାର ଯୋଜନା ରହିଛି ବୋଲି ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ଶ୍ରୀକାନ୍ତ ମହାପାତ୍ର ଏହାର ପ୍ରଥମ ପ୍ରତିଷ୍ଠା ଦିବସ ଉତ୍ସବରେ ନିଜ ଅଭିଭାଷଣରେ ପ୍ରକାଶ କରିଛନ୍ତି। ଗତବର୍ଷ ଜୁନ୍ ୧୦ରେ ସମ୍ବଲପୁରଠାରେ ପ୍ରତିଷ୍ଠା ହୋଇଥିଲା ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ। ଶୁକ୍ରବାର ଏହାର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା ରାଜଧାନୀସ୍ଥିତ ଇଉ୍କଲ୍ ଅଡିଟୋରିୟମ୍‌ରେ। ଉତ୍ସବରେ କୁଳପତି ଶ୍ରୀ ମହାପାତ୍ର କହିଥିଲେ, ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ଉଚ୍ଚମାନର ଶିକ୍ଷାଦାନ କରିବାର ଲକ୍ଷ୍ୟ ରଖିଛି। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ପାଇଁ ରାଜ୍ୟର ଶିକ୍ଷାକ୍ଷେତ୍ରରେ ପ୍ରଥମଥର ଇଣ୍ଟରନେଟ୍ ରେଡିଓକୁ ଉନ୍ମୋଚନ କରାଯାଇଥିଲା। 'ପ୍ରଜ୍ଞାବାଣୀ' ନାମକ ଏହି ରେଡିଓ ବିଶ୍ୱବିଦ୍ୟାଳୟ ପ୍ରଦାନ କରୁଥିବା ସମସ୍ତ ବିଷୟରେ ଶିକ୍ଷା ପ୍ରଦାନ ନିମନ୍ତେ ଉଦ୍ଦିଷ୍ଟ ବୋଲି ଶ୍ରୀ ମହାପାତ୍ର କହିଥିଲେ। ସମ୍ମାନିତ ଅତିଥି ଭାବେ ଇନ୍ଦିରା ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଏଚ୍ ପି ଦୀକ୍ଷିତ ଯୋଗଦେଇ ଦୂର ନିରନ୍ତର ଶିକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ଅନ୍ୟତମ ଅତିଥିଭାବେ ଉପସ୍ଥିତ ଥିଲେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଅଶୋକ ଦାସ। ସେ କହିଥିଲେ ଯେ, ଏ ଗ୍ରେଡ୍ ଏବଂ ବି ଗ୍ରେଡ୍ ଶିକ୍ଷାନୁଷ୍ଠାନ ମଧ୍ୟରେ ଅର୍ଥ ପ୍ରଦାନକୁ ନେଇ ଯେଉଁ ପାତଅନ୍ତର କରାଯାଉଛି ତାହା ଆଦୌ ଉଚିତ୍ ନୁହେଁ। ସେହିପରି ମୁକ୍ତ ବିଶ୍ୱବିଦ୍ୟାଳୟରେ ପାଠପଢ଼ାର ମାନକୁ ନେଇ ସାଧାରଣଙ୍କ ମନରେ ଯେଉଁ ଦ୍ୱନ୍ଦ୍ୱ ରହିଛି ତାହାକୁ ମଧ୍ୟ ଦୂର କରାଯିବା ଆବଶ୍ୟକ। ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟକୁ ସମସ୍ତ ଆବଶ୍ୟକ ସହଯୋଗ ପ୍ରଦାନ କରାଯିବ ବୋଲି କୁଳପତି ଶ୍ରୀ ଦାସ ପ୍ରକାଶ କରିଥିଲେ। ଜାତୀୟ ଆଇନ୍ ବିଶ୍ୱବିଦ୍ୟାଳୟ କୁଳପତି ଶ୍ରୀକ୍ରିଷ୍ଣା ଦେବାରାଓ ମଧ୍ୟ ଓଡ଼ିଶା ମୁକ୍ତ ବିଶ୍ୱବିଦ୍ୟାଳୟ ସହିତ ସହଭାଗିତା କରିବା ସକାଶେ ସହମତି ପ୍ରଦାନ କରିଥିଲେ। ଏହି ଅବସରରେ ଓଡ଼ିଆ ଭାଷାରେ ସାମ୍ବାଦିକତା ଏବଂ ଗଣଯୋଗାଯୋଗ ସମ୍ପର୍କିତ ପାଠ୍ୟପୁସ୍ତକ, 'ୟୁନିଭରସିଟି ପ୍ରୋଫାଇଲ୍' ଏବଂ ବିଶ୍ୱବିଦ୍ୟାଳୟର 'ଲୋଗୋ' ଉନ୍ମୋଚନ କରାଯାଇଥିଲା।